ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୩ ଫେବୃୟାରୀ, ୨୦୨୨



## ସଂକ୍ଷେପରେ

### ପ୍ରାର୍ଥୀଙ୍କୁ ସହଯୋଗ କରିବାକୁ ପରାମର୍ଶ

#### ବିଜେଡିର ନିର୍ବାଚନୀ ସଭା

**ନାଉଗାଁ,୨।୨(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଅନ୍ତର୍ଗତ ଘୋଡାଂଶ ପଞ୍ଚାୟତ ଘୋଡେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ସୁଜିତ ମଲିକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଧାୟକ ପ୍ରଶାନ୍ତ ମୁଦୁଲି, କୃଷକ ମୋର୍ଚ୍ଚା ସଭାପତି ପ୍ରକାଶ ବସ୍ତିଆ, ସାଂସଦଙ୍କ ପ୍ରତିନିଧି ଅଜୟ ମହାନ୍ତି, ଯୁବନେତା ପ୍ରଦୀପ୍ତ ସ୍ୱାଇଁ, ଜିଲା ପରିଷଦ ପ୍ରାର୍ଥୀ ଅମିତା ସ୍ୱାଇଁଙ୍କ ସମେତ ୧୬ ପଞ୍ଚାୟତର ସଭାପତିଙ୍କ ସମେତ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ କର୍ମୀ ଏକତ୍ରିତ ହୋଇ ପ୍ରାର୍ଥୀମାନଙ୍କୁ ସହଯୋଗ କରିବାକୁ ବିଧାୟକ ମୁଦୁଲି କହିଥିଲେ। ଘରକୁ ଘର ବୁଲି ଜନସାଧାରଣଙ୍କ ପ୍ରିୟଭାଜନ ହେବାକୁ ପ୍ରାର୍ଥୀମାନଙ୍କୁ ବିଧାୟକ ଆହ୍ୱାନ ଦେଇଥିଲେ। ଏଥିସହ ଅସନ୍ତୁଷ୍ଟ କର୍ମୀମାନଙ୍କ ସମସ୍ୟା ଶୀଘ୍ର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

### ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ କରୋନା ସଚେତନତା ରଥ ଶୁଭାରମ୍ଭ

**କୁଜଙ୍ଗ,୨।୨(ଡି.ଏନ୍.ଏ.):** ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ କରୋନା ସଚେତନତା ରଥକୁ ବୁଧବାର ପାରାଦୀପସ୍ଥିତ କାର୍ଯ୍ୟାଳୟ ପରିସରରେ ଆରମ୍ଭ କରାଯାଇଛି। ପାରାଦୀପ ପୋର୍ଟ ଟ୍ରଷ୍ଟ ଚିକିତ୍ସାଳୟ ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରହ୍ଲାଦ ପଣ୍ଡା ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ଏହି ଭ୍ରାମ୍ୟମାଣ ସଚେତନତା ରଥ ପାରାଦୀପ ସହରାଞ୍ଚଳ ସମେତ ନିକଟବର୍ତ୍ତୀ ଗ୍ରାମାଞ୍ଚଳରେ ବୁଲି କରୋନା ମହାମାରୀ ସମ୍ପର୍କରେ ସଚେତନ କରାଇବା ସହ ଟିକାକରଣ ସମ୍ପର୍କରେ ଲୋକଙ୍କୁ ବୁଝାଇବ। କାର୍ଯ୍ୟକ୍ରମରେ ଜେଏସ୍‌ଡବ୍ଲ୍ୟୁର ବରିଷ୍ଠ ଅଧିକାରୀ ମନିଷ ଗୁପ୍ତା ଓ ବିଜୁ ମେମୋରିଆଲ ହସ୍ପିଟାଲର ମୁଖ୍ୟ ଡାକ୍ତର ବସନ୍ତ କୁମାର ରାଉତ ଏବଂ କମ୍ପାନୀର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷେ ପାନବରଜ ଭଙ୍ଗା ଓ ଜମି ଅଧିଗ୍ରହଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରାଚୀର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି । କମ୍ପାନୀ ପକ୍ଷରୁ ୧୫ କିଲୋମିଟର ପର୍ଯ୍ୟନ୍ତ ପ୍ରିକାଷ୍ଟିଂ ପ୍ରାଚୀର ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ଏପର୍ଯ୍ୟନ୍ତ ଏକ କିଲୋମିଟରରୁ ଉର୍ଦ୍ଧ୍ୱ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ କରାଯାଇଛି।

### କାରଣ ଦର୍ଶାଅ ନୋଟିସ ଦେବାରୁ ସିଆରସିସିଙ୍କୁ ଦୁର୍ବ୍ୟବହାର

#### ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ

**ପଟ୍ଟାମୁଣ୍ଡାଇ,୨।୨(ସ୍ୱ.ପ୍ର.):** କାରଣ ଦର୍ଶାଅ ନୋଟିସ ଦେବାରୁ ସିଆରସିସିଙ୍କୁ ଦୁର୍ବ୍ୟବହାର କରାଯାଉଥିବା ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଘଟଣା ଘଟିଛି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ଦକ୍ଷିଣୀଦିଆ ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟର ଶିକ୍ଷୟିତ୍ରୀ ନିରୁପମା ମାନସିଂ ଛୁଟି ଦରଖାସ୍ତ ନ ଦେଇ ଘରେ ବାରମ୍ବାର ରହି ଆସୁଥିଲେ ବୋଲି ସିଆରସିସି ବିଶ୍ୱରଞ୍ଜନ ଦାଶ ମନିଟରିଂରେ ଯାଇଥିବା ବେଳେ ଜାଣିବାକୁ ପାଇଥିଲେ। ଏ ନେଇ ସିଆରସିସି ଦାଶ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଗୋବିନ୍ଦ ଚନ୍ଦ୍ର ପରିଡ଼ାଙ୍କୁ ଜଣାଇଥିଲେ। ବିଇଓଙ୍କ ନିର୍ଦ୍ଦେଶକ୍ରମେ ସିଆରସିସି ଦାଶ ସ୍କୁଲ କାର୍ଯ୍ୟରେ ଅବହେଳା ପାଇଁ ଶିକ୍ଷୟିତ୍ରୀ ମାନସିଂଙ୍କୁ କାରଣ ଦର୍ଶାଅ ନୋଟିସ ଜାନୁୟାରୀ ୨୮ରେ ମୋବାଇଲ ଗ୍ରୁପ ଜରିଆରେ ଜାରି କରିଥିଲେ। ୩୧ ତାରିଖ ପୂର୍ବାହ୍ନରେ ସିଆରସିସି ଦାଶ ଶୋ-କଜ୍ ନୋଟିସ୍‌ର ହାର୍ଡ କପି ଦେବାକୁ ଦକ୍ଷିଣୀଦିଆ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚିଥିଲେ। ତେବେ ଏଥିରେ ଉତ୍‌କ୍ଷିପ୍ତ ହୋଇ ଶିକ୍ଷୟିତ୍ରୀ ମାନସିଂ ବିଦ୍ୟାଳୟ ପରିସରରେ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ ବୋଲି ସିଆରସିସି ଦାଶ ବିଇଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ, ମିଛ ମାମଲାରେ ପକାଇ ଦେବା ଓ ଏବିଇଓଙ୍କୁ ଚପଲରେ ମାରିବା ଘଟଣା ଭାଇରାଲ ଭିଡିଓରୁ ଜଣାପଡିଛି। ଏ ବାବଦରେ ଶିକ୍ଷୟିତ୍ରୀ ମାନସିଂଙ୍କୁ ପଚାରିବାରେ, ସିଆରସିସି ଯେଉଁ ଅଭିଯୋଗ କରିଛନ୍ତି ତାହା ଭିତ୍ତିହୀନ। ସେଦିନ ସ୍କୁଲରେ ଉପସ୍ଥିତ ଥିଲି। ଯଦି ସେଦିନ ସ୍କୁଲ ବନ୍ଦ ଥିଲା, ତା'ହେଲେ ଅନ୍ୟ ଶିକ୍ଷକ ବି ଉପସ୍ଥିତ ନ ଥିଲେ, ମତେ କାହିଁକି ଏକା କାରଣ ଦର୍ଶାଅ ନୋଟିସ ଦିଆଗଲା। ଅନ୍ୟ ଶିକ୍ଷକମାନଙ୍କୁ କାହିଁକି ନୋଟିସ ଦିଆଗଲା ନାହିଁ ବୋଲି ସେ କହିଛନ୍ତି। ଅପରପକ୍ଷେ ଯଦି କାରଣ ଦର୍ଶାଅ ନୋଟିସ ଦବାର ଥିଲା, ତାହା ବ୍ୟକ୍ତିଗତ ଭାବେ ଦେଇପାରିଥାନ୍ତେ। ମାତ୍ର ତାହା ମୋବାଇଲ ଗ୍ରୁପରେ କାହିଁକି ଭାଇରାଲ କରାଗଲା ବୋଲି ସେ କହିଥିଲେ।

# ୧୩ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ

**■ ଜଗତ୍‌ସିଂହପୁର ପୌର ନିର୍ବାଚନ**
**■ ଅଧ୍ୟକ୍ଷ ପଦବୀ ନିର୍ବାଚନକୁ ନେଇ ଚର୍ଚ୍ଚା**

**ଜଗତ୍‌ସିଂହପୁର ଅଫିସ, ୨।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସରି ନ ଥିବାବେଳେ ପୌର ନିର୍ବାଚନକୁ ନେଇ ପ୍ରକ୍ରିୟା ଜୋରଦାର ହେଲାଣି। ଏଥର ପୌର ପରିଷଦ ଅଧ୍ୟକ୍ଷ ପଦବୀ ପାଇଁ ସିଧାସଳଖ ନିର୍ବାଚନ ହେଉଥିବାରୁ ନିଆରା ପରିବେଶ ସୃଷ୍ଟି ହୋଇଛି। ୱାର୍ଡ ସଂରକ୍ଷଣ ଚୂଡ଼ାନ୍ତ ହୋଇ ଯାଇଥିବାରୁ ପଞ୍ଚାୟତ ନିର୍ବାଚନ ପରେ ପୌର ନିର୍ବାଚନ ହେବ। ଜଗତ୍‌ସିଂହପୁର ପୌର ପରିଷଦ ଅଧୀନ ୨୧ଟି ୱାର୍ଡ ମଧ୍ୟରୁ ୧୩ଟିରେ କାଉନ୍‌ସିଲର ପଦବୀ ପାଇଁ ଆସନ ସଂରକ୍ଷଣ ହୋଇଛି। ୨୦୧୩ ନିର୍ବାଚନରେ କଂଗ୍ରେସ ପରିଷଦ ଦଖଲ କରିଥିଲା। ଆଗାମୀ ନିର୍ବାଚନରେ କ'ଣ ହେବ ତାକୁ ନେଇ ପ୍ରମୁଖ ରାଜନୈତିକ ଦଳ ଯଥା ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ଅଙ୍କକଷା ଆରମ୍ଭ ହେବାରେ ଲାଗିଲାଣି।

୨୦୧୩ ନିର୍ବାଚନରେ କଂଗ୍ରେସ ଦଖଲକୁ ସର୍ବାଧିକ ୧୨ଟି ୱାର୍ଡ ଯାଇଥିଲା। ସେଗୁଡ଼ିକ ହେଲା ୨, ୪, ୫, ୭, ୯, ୧୦, ୧୨, ୧୪, ୧୫, ୧୬, ୧୭, ୧୯ ନଂ. ୱାର୍ଡ। ବିଜେଡି ସପକ୍ଷରେ ୱାର୍ଡ ସଂଖ୍ୟା ୧, ୩, ୬, ୮, ୧୧, ୧୩, ୧୮, ୨୦ ଓ ୨୧କୁ ମିଶାଇ ମୋଟ ୯ଟି ଯାଇଥିଲା। ପରବର୍ତ୍ତୀ ସମୟରେ ୨୧ ନଂ. ୱାର୍ଡ କାଉନ୍‌ସିଲର ଦୀର୍ଘଦିନ ଅନୁପସ୍ଥିତ ରହିବାରୁ କଂଗ୍ରେସ ତା'ର ଦବଦବା ଜାହିର କରିବାକୁ ଅଧିକ ବଳ ପାଇଥିଲା। ୩୦।୯।୧୮ରେ ନିର୍ବାଚିତ ପ୍ରତିନିଧିମାନଙ୍କର କାର୍ଯ୍ୟକାଳ ସରି ଯାଇଥିଲା। ଏଥିମଧ୍ୟରେ ପାଖାପାଖି ୩ ବର୍ଷ ୪ ମାସ ଅତିକ୍ରାନ୍ତ ହୋଇଗଲାଣି। ଜିଲାପାଳ ପୌର ପ୍ରଶାସକ ଭାବେ ଦାୟିତ୍ୱ ନିର୍ବାହ କରି ଚାଲିଛନ୍ତି। ରାଜ୍ୟ ସରକାର ନିର୍ବାଚନ କରିବାକୁ ଏବେ ଆଗ୍ରହ ପ୍ରକାଶ କରିଛନ୍ତି। ଯେଉଁ କାରଣରୁ ଏଥିମଧ୍ୟରେ ଅଧ୍ୟକ୍ଷ ଓ କାଉନ୍‌ସିଲର ପଦବୀ ପାଇଁ ଆସନ ସଂରକ୍ଷଣ କାମ ଚୂଡ଼ାନ୍ତ ହୋଇଛି। ଏହି ଅନୁଯାୟୀ ପରିଷଦ ଅଧୀନ ୧ନଂ. ୱାର୍ଡ ଅନୁସୂଚିତ ଜାତି (ମହିଳା), ୨ନଂ. ମହିଳା, ୩ନଂ. ଅନୁସୂଚିତ ଜାତି (ମହିଳା), ୪ନଂ. ମହିଳା, ୫ନଂ. ମହିଳା, ୬ନଂ. ମହିଳା, ୮ନଂ. ମହିଳା, ୧୦ନଂ. ଅନୁସୂଚିତ ଜାତି, ୧୧ନଂ. ମହିଳା, ୧୩ନଂ. ଅନୁସୂଚିତ ଜନଜାତି (ମହିଳା), ୧୬ନଂ. ଅନୁସୂଚିତ ଜାତି, ୧୯ନଂ. ମହିଳା ଓ ୨୧ନଂ. ୱାର୍ଡ କାଉନ୍‌ସିଲର ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ କରାଯାଇଛି। ଅବଶିଷ୍ଟ ୮ଟି ୱାର୍ଡ ଅସଂରକ୍ଷିତ ରଖାଯାଇଛି। ଅଧ୍ୟକ୍ଷ ପଦବୀ ସାଧାରଣବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ କେଉଁମାନେ ପ୍ରାର୍ଥୀ ହୋଇପାରନ୍ତି, ସେନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଉପାଧ୍ୟକ୍ଷ ପଦବୀ କିନ୍ତୁ କାଉନସିଲରମାନେ ବାଛିବେ। ଏଠାରେ ପ୍ରଶ୍ନ ଉଠୁଛି, କୌଣସି ଦଳର କାଉନସିଲର ସଂଖ୍ୟା ଅଧିକ ଥିଲେ ଏବଂ ବିପକ୍ଷ ଦଳର ଅଧ୍ୟକ୍ଷ ନିର୍ବାଚିତ ହେଲେ ପରିଷଦ କାମ କିପରି ହେବ ତାହା ପ୍ରମୁଖ ପ୍ରସଙ୍ଗ ହୋଇଛି। କାରଣ ୧୯୯୨ରେ ଅଧ୍ୟକ୍ଷ ପଦବୀ ପାଇଁ ସିଧାସଳଖ ନିର୍ବାଚନ ହୋଇଥିଲା। କିନ୍ତୁ ପରେ ସରକାର ନିଷ୍ପତ୍ତି ବଦଳାଇଥିଲେ। ଅର୍ଥାତ୍ ସଂଖ୍ୟାଧିକ କାଉନସିଲର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ବାଛିବା ବ୍ୟବସ୍ଥା ହୋଇଥିଲା। ଏବେ ପୁଣି ଅଧ୍ୟକ୍ଷ ପଦବୀ ପାଇଁ ସିଧାସଳଖ ନିର୍ବାଚନ ହେବାର ଥିବାରୁ ସମ୍ଭାବ୍ୟ ପରିସ୍ଥିତି କ'ଣ ହେବ ତାହା ସମୟ କହିବ। ନିର୍ବାଚିତ ଅଧ୍ୟକ୍ଷଙ୍କ ବିରୋଧରେ ସଂଖ୍ୟାଧିକ ବିରୋଧୀ କାଉନସିଲରମାନେ ୨ ବର୍ଷ ପରେ ଅନାସ୍ଥା ଆଣିପାରିବେ କି ନାହିଁ ତା' ଉପରେ ତର୍ଜମା ଚାଲିଛି। ମୋଟାମୋଟି ଭାବେ କହିବାକୁ ଗଲେ ଏଥର ପୌର ନିର୍ବାଚନ ବେଶ୍ ସରଗରମ ହେବା ଆଶା କରାଯାଉଛି। କାରଣ ୨୦୧୪ରେ ଚିରଞ୍ଜୀବ ବିଶ୍ୱାଳ ଜଗତ୍‌ସିଂହପୁର ବିଧାୟକ ହୋଇଥିଲେ ସୁଦ୍ଧା ୨୦୧୯ରେ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲିଙ୍କଠାରୁ ହାରି ଯାଇଥିଲେ। ପଞ୍ଚାୟତ ନିର୍ବାଚନ ଫଳାଫଳ ପୌର ନିର୍ବାଚନ ଉପରେ ପ୍ରଭାବ ପକାଇବା ସମ୍ଭାବନା ରହିଛି।

## ପଞ୍ଚାୟତ ନିର୍ବାଚନ: ଗାଁ, ଛକ, ବଜାର କମ୍ପୁଛି

**ମାର୍ଶାଘାଇ,୨।୨(ଡି.ଏନ.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମାର୍ଶାଘାଇ ବ୍ଲକର ୨୪ ଟି ପଞ୍ଚାୟତରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ଚିହ୍ନ ପାଇବା ପରେ ପ୍ରଚାରକୁ ଜୋରଦାର କରିଛନ୍ତି। ପ୍ରାର୍ଥୀମାନଙ୍କ ସମର୍ଥକମାନେ ଗାଁକୁ ଗାଁ ଛକ ଜାଗା ଓ ରାସ୍ତା କଡରେ ବାଉଁଶ ପୋତି ଫ୍ଲେକ୍ସ ଓ ବ୍ୟାନର ଲଗାଇ ସାରିଲେଣି। ଗାଁ ଗାଁରେ ଭୋଜି ଭାତର ଆସର ଜମିବାକୁ ଲାଗିଲାଣି। ପ୍ରତ୍ୟେକ ଚା, ପାନ ଦୋକାନ ଓ ଛକ ବଜାରରେ ସମର୍ଥକମାନଙ୍କ ଦ୍ୱାରା ରାଜନୈତିକ ଅଙ୍କ କଷା ଜୋର ଧରିଛି। କରୋନା କଟକଣାକୁ ପଛରେ ପକାଇ ପ୍ରାର୍ଥୀମାନେ ଘରକୁ ଘର ବୁଲି ନିଜ ସପକ୍ଷରେ ଭୋଟ ଭିକ୍ଷା କରୁଛନ୍ତି। ବ୍ଲକର ବିଭିନ୍ନ ପଞ୍ଚାୟତରେ କ୍ଷମତା ଓ ଆସନ ପାଇଁ ହେଉଥିବା ଲଢେଇରେ ରାଜନେତାମାନେ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବାକୁ ଭୋଟରଙ୍କୁ ପ୍ରବର୍ତ୍ତାଉଛନ୍ତି। ସ୍ୱାମୀ କ୍ଷମତାରେ ଥିବା ପଞ୍ଚାୟତଟି ଯଦି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି ତେବେ ସ୍ୱାମୀ ସ୍ତ୍ରୀଙ୍କୁ ପ୍ରାର୍ଥୀ କରିଥିବା ଦେଖିବାକୁ ମିଳୁଛି। ବିଶେଷ କରି ନିର୍ବାଚନ ମଇଦାନରେ ବର୍ତ୍ତମାନର ସରପଞ୍ଚ ଓ ସମିତି ସଭ୍ୟମାନେ ନିଜ ନିଜ ଦବ୍‌ଦବା ରଖିବାକୁ ପରିବାର କୈନ୍ଦ୍ରିକ ରାଜନୀତି କରୁଥିବା ଦେଖିବାକୁ ମିଳୁଛି। ଅନେକ ସ୍ଥାନରେ ପୁରୁଖା ନେତାମାନେ କ୍ଷମତା ଲୋଭରେ ପ୍ରାର୍ଥୀ ହେବାକୁ ସୁଯୋଗ ହାତଛଡା କରିନାହାନ୍ତି। କ୍ଷମତା ଲଢେଇରେ ଗାଁ ଗାଁ ତଥା ଭାଇ, ବନ୍ଧୁ, ସାଙ୍ଗମାନଙ୍କ ମଧ୍ୟରେ ଶତ୍ରୁତା ଓ ନିର୍ବାଚନୀ ହିଂସାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ। ତେଣୁ ପ୍ରଶାସନ ଶାନ୍ତି ଭଙ୍ଗକାରୀଙ୍କ ଉପରେ କଡା ନଜର ତଥା ଶାନ୍ତି ଶୃଙ୍ଖଳା ସହ ନିର୍ବାଚନ ଶେଷ ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ରାସ୍ତା ନିର୍ମାଣ ଦାବିରେ ଆନ୍ଦୋଳନ



କଟକ- ପାରାଦୀପ ରାସ୍ତାକୁ ଲୋକେ ଅବରୋଧ କରିଛନ୍ତି।

### ନିର୍ବାଚନ ବର୍ଜନ ପାଇଁ ଚେତାବନୀ

**ରଘୁନାଥପୁର,୨।୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ଦଣ୍ଡାସାହି ତାରିଣୀ ଛକରୁ ଶାଳିଜଙ୍ଗା ସାଇ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବାକୁ ଦାବି କରି ବହୁ ଲୋକ ତାରପୁର ବାଇପାସଠାରେ କଟକ-ପାରାଦୀପଠାରେ ରାସ୍ତାରୋକୋ କରିଥିଲେ। ଦାବି ପୂରଣ ନ ହେଲେ ଭୋଟ ବର୍ଜନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି। ଶିକ୍ଷାବିତ୍ ପ୍ରାଣକୃଷ୍ଣ ନାୟକ ଏହାର ନେତୃତ୍ୱ ନେଇଥିଲେ। ଏଥିରେ ତଅଁରା, କରଡ଼ା ଓ ଶାଳିଜଙ୍ଗା ଗ୍ରାମ ସମେତ ଦଣ୍ଡାସାହି, ଜଇନାବାଜ, ମୁଦୁଲିସାହି, ପାଳସାହି, ମଳିକସାହି ଓ ଜେନାସାହି ଆଦି ପଡାଗ୍ରାମର ବହୁ ଅଧିବାସୀ ସାମିଲ ହୋଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ସାଇ ମନ୍ଦିରଠାରୁ ତାରିଣୀ ଛକ ପର୍ଯ୍ୟନ୍ତ ୩ କିମି ରାସ୍ତା ସହ ବିଭିନ୍ନ ପଡା ଗ୍ରାମକୁ ସଂଯୋଗୀକରଣ କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ଦାବି ହୋଇଆସୁଛି। ଏ ନେଇ ୩ ଥର ଅନଶନ ମଧ୍ୟ କରାଯାଇଛି। ପ୍ରଶାସନ ବାରମ୍ବାର ପ୍ରତିଶ୍ରୁତି ଦେଇ ପରେ ବିଫଳ ହୋଇଛି। ପ୍ରତିବାଦରେ ରାସ୍ତାରୋକୋ କରାଯାଇଛି। ଏଥିଯୋଗୁ ୨ ଘଣ୍ଟା ପର୍ଯ୍ୟନ୍ତ ଯାତାୟାତ ଠପ୍ ହୋଇଯାଇଥିଲା। ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବରପାଇ ବିଡିଓ ଜିତେନ୍ଦ୍ର କୁମାର ନାୟକ ଓ ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଶେଷରେ ତିର୍ତ୍ତୋଲ ଆରଡି ବିଭାଗର ସହକାରୀ ଯନ୍ତ୍ରୀ ସୁରଜ ବିଶ୍ୱାଳ ପହଞ୍ଚି ନିର୍ବାଚନ ପରେ ତୁରନ୍ତ କାର୍ଯ୍ୟ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟି ଥିଲା। ରାସ୍ତାରୋକୋରେ କୃଷକ ନେତା ଦେବୀପ୍ରସାଦ ମହାରଣା, ସ୍ନେହାଂସୁ ଜେନା, ଅଭୟ ସେଣ, ନିରଞ୍ଜନ ବାରିକ, ଗୋବିନ୍ଦ ଓଝା, ବାସୁଦେବ ଦାସ, ମୋହିନୀ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ବ୍ଲକସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

**ଯାଜପୁର ସଦର,୨।୨(ଡି.ଏନ.ଏ.)**

ମଣ୍ଡଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ଓ ମଣ୍ଡଳ ଶିକ୍ଷା ଅଧିକାରୀ ଯାଜପୁରଙ୍କ ତତ୍ତ୍ୱାବଧାନରେ ଅନଲାଇନ୍ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ବ୍ଲକ୍‌ର ୧୧୬ ପ୍ରାଥମିକ ବିଦ୍ୟାଳୟ, ୪୬ ଉଚ୍ଚ ପ୍ରାଥମିକ ଓ ୨୧ ଉଚ୍ଚ ବିଦ୍ୟାଳୟର ଷଷ୍ଠରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅନଲାଇନ୍ ପ୍ରତିଯୋଗିତାରେ ପ୍ରାପ୍ତ ଚିତ୍ରଗୁଡ଼ିକୁ ୱାସ୍ ଟିମ୍‌ର ବ୍ଲକ ସଂଯୋଜକ, ମଣ୍ଡଳ ଶିକ୍ଷା ଅଧିକାରିଣୀ ଓ ଜଣେ କଳା ଶିକ୍ଷକଙ୍କ ଦ୍ୱାରା ମନୋନୟନ କରାଯାଇ ଶ୍ରେଣୀ ୱାରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ବଛା ଯାଇଥିଲା। ଏହି ପ୍ରତିଯୋଗିତାରେ ୧୭୮ଜଣ ପ୍ରତିଯୋଗୀ ଭାଗନେଇଥିବା ବେଳେ ୧୫ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଯାଜପୁର ବିଡିଓ ସୌରଭ କୁମାର ଚକ୍ରବର୍ତ୍ତୀ ପୁରସ୍କୃତ କରିଛନ୍ତି।

## ସପ୍ତାହେ ପରେ ମିଳିଲା ପିଇବା ପାଣି

**■ ପାନୀୟ ଜଳ ଯୋଗାଣ ଠିକାଦାରଙ୍କ ମନମାନି**
**■ ଲୁଣା ନଦୀ ଜଳକୁ ଭରସା**

**ମହାକାଳପଡ଼ା,୨।୨(ଡି.ଏନ.ଏ.)**

ଆଗକୁ ଆସୁଛି ଖରାଦିନ। ହେଲେ ଶୀତଦିନେ ମୁନ୍ଦେ ପିଇବା ପାଣି ପାଇଁ କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ବରକନ୍ଧା ପଞ୍ଚାୟତର ଗୋଜବନ୍ଧ ଗାଁର ଲୋକେ ଡହଳ ବିକଳ ହେଉଛନ୍ତି। ସପ୍ତାହ ହେଲା ଗାଡ଼ିରେ ତେଲ ନାହିଁ ବୋଲି ଗ୍ରାମବାସୀଙ୍କୁ ମିଳୁନି ପାନୀୟ ଜଳ। ମହିଳାମାନଙ୍କୁ ପାନୀୟ ଜଳ ନେବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏହି ଗ୍ରାମ ସହିତ ବନ୍ଧପଡ଼ା, ଷାଠିଏବାଟି ଗ୍ରାମର ବହୁ ଲୋକ ସପ୍ତାହେ ହେଲା ପାଣି ପାଇବାରୁ ବଞ୍ଚିତ ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି। ଠିକା ନେଇଥିବା ସଂସ୍ଥା ସପ୍ତାହକୁ ଦୁଇଥର ଜଳ ଯୋଗାଣ କରିବା କଥା। କିନ୍ତୁ ଗାଡ଼ିରେ ତେଲ ସରିଯାଇଛି। ପିଇବା ପାଣି ମିଳୁନି ବୋଲି ସ୍ଥାନୀୟ ମହିଳାମାନେ କହିଛନ୍ତି। ଥରକେ ଦୁଇ ଚାରି ବାଲ୍ଟି ପାଣି ଯୋଗାଣ କରାଯାଉଥିବା ଅଭିଯୋଗ ହେଉଛି। ଜଳ ଯୋଗାଣ ବିଭାଗ ଯୋଗାଉଥିବା ପାଣି ଯଥେଷ୍ଟ ନୁହେଁ। ତେବେ ସ୍ଥାନୀୟ ଲୁଣା ନଦୀର ପ୍ରବାହିତ ଜଳ ଅମାବାସ୍ୟା, ପୂର୍ଣ୍ଣିମା ତିଥିରେ ସମୁଦ୍ର ଜୁଆରିଆ ଯୋଗୁ ଲୁଣି ହୋଇ ଯାଉଥିବା ମହିଳାମାନେ କହିଛନ୍ତି। ଜଳ ଯୋଗାଣ ବନ୍ଦ ଥିବାରୁ ଆମେ ବାଧ୍ୟ ହୋଇ ଏହି ଲୁଣା ନଦୀର ଜଳକୁ ଗରମ କରି ବ୍ୟବହାର କରୁଛୁ ବୋଲି ଗାଁର ବାସନ୍ତୀ ଖଟୁଆ, କୁନି ସ୍ୱାଇଁ, ରଶ୍ମିତା ସ୍ୱାଇଁ, ମାମିନା ସ୍ୱାଇଁ, ଡଲି ଖଟୁଆ, ସସ୍ମିତା ସ୍ୱାଇଁଙ୍କ ସମେତ ଭ୍ରମରବର ସ୍ୱାଇଁ କହିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡା ଜିଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ସେଠୀଙ୍କୁ ପଚାରିବାରେ ଗାଡିରେ ତେଲ ନ ଥିବାରୁ ପାଣି ଯୋଗାଣ ବାଧାପ୍ରାପ୍ତ ହୋଇଛି। ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଗୋଜାବନ୍ଧ ଗ୍ରାମରେ ସପ୍ତାହ ପରେ ପିଇବା ପାଣି ଦିଆଯାଉଛି।

## ବିଧି ରକ୍ଷା ଲାଗି ହେବ କରଦା ହରିହାଟ

**ପାଣିକୋଇଲି,୨।୨(ଡି.ଏନ.ଏ.)**

ମାଘ ସପ୍ତମୀରୁ ଆରମ୍ଭ ହୁଏ କରଦା ହରିହାଟ ମେଳା। କୋରେଇ ବ୍ଲକର ସର୍ବବୃହତ ମେଳା ଭାବେ ପରିଗଣିତ ଏହି ମେଳାରେ କରଦା ପଞ୍ଚାୟତ ସମତେ ଆଖପାଖ ପଞ୍ଚାୟତର ବହୁ ଲୋକଙ୍କ ସମାଗମ ହୋଇଥାଏ। ୩/୪ଟି ଯାତ୍ରାପାଟି ଯାତ୍ରା ପରିବେଷଣ କରିବା ସାଙ୍ଗକୁ ମେଳା ବସେ। ମାନସିକ ପୂରଣ ପାଇଁ ପୋଖରୀରେ ବୁଡ ସାଙ୍ଗକୁ ଯଜ୍ଞ ଓ ନାମ ଯଜ୍ଞ କରାଯାଏ। କିନ୍ତୁ ଚଳିତ ବର୍ଷ କରୋନା କଟକଣା ଯୋଗୁ ସବୁ କିଛି ବନ୍ଦ କରିବାକୁ କମିଟି ନିଷ୍ପତ୍ତି ନେଇଛି। କେବଳ ବିଧିରକ୍ଷା ପାଇଁ ଠାକୁରଙ୍କ ନୀତିକାନ୍ତି, ଯଜ୍ଞ ଓ ନାମଯଜ୍ଞରେ ସୀମିତ ରଖିବାକୁ ସ୍ଥିର ହୋଇଛି। ଏନେଇ ହରିହାଟ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଦଧିବାମନଜୀଉ ମନ୍ଦିର ପରିସରରେ ମଠାଧିଶ ବାବା କୃଷ୍ଣଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସରପଞ୍ଚ ଗଣେଶ ଚନ୍ଦ୍ର ସାହୁ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ, ବିମ୍ବାଧର ବେହେରା, ଗୋକୁଳ ଚନ୍ଦ୍ର ସାହୁ, ରତ୍ନାକର ସାହୁ, ମଣିନାଥ ପଣ୍ଡା, ପ୍ରଦୀପ କୁମାର ପଣ୍ଡା, ମଦନ ପ୍ରଧାନ, ସାବିତ୍ରୀ ସାହୁ, ପରମାନନ୍ଦ ସାହୁ ଓ କୃପାସିନ୍ଧୁ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପ୍ରଥମେ ବାଲିକୁଦା, ଶେଷରେ ନାଉଗାଁ, ଏରସମାରେ ଭୋଟ

### ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ

**ଜଗତ୍‌ସିଂହପୁର ଅଫିସ, ୨।୨**

ଜଗତ୍‌ସିଂହପୁର ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀମାନେ ପ୍ରଚାର ଚଳାଇଛନ୍ତି। ପୋଷ୍ଟର, ବ୍ୟାନର, ଲିଫଲେଟ୍ ଆଦି ସେଭଳି ଦେଖିବାକୁ ମିଳୁ ନ ଥିଲେ ହେଁ ପୁସିଂ କାର୍ଡ ବଣ୍ଟା ଚାଲିଛି। ଅପରପକ୍ଷେ ଜିଲା ନିର୍ବାଚନ ଅଧିକାରୀ, ଜିଲା ପଞ୍ଚାୟତ ଅଧିକାରୀ ଅବାଧ ଓ ନିରପେକ୍ଷ ମତଦାନ କିପରି ହେବ ସେନେଇ ପ୍ରସ୍ତୁତି ଚଳାଇଛନ୍ତି। ଜିଲାର ୨୬ଟି ଜିଲା ପରିଷଦ ଜୋନ ପାଇଁ ସଭ୍ୟ ପଦ ସମେତ ୮ଟି ବ୍ଲକର ୧୯୮ ପଞ୍ଚାୟତରେ ସରପଞ୍ଚ ଓ ସମିତି ସଭ୍ୟ ନିର୍ବାଚନ ହେବ। ବାଲିକୁଦା ବ୍ଲକ ଅଞ୍ଚଳରେ ପ୍ରଥମେ ନିର୍ବାଚନ କରିବାକୁ ନିଷ୍ପତ୍ତି ହୋଇଛି। ବ୍ଲକର ୩୦ ପଞ୍ଚାୟତ ଓ ୪ ଜୋନ ପାଇଁ ଫେବୃୟାରୀ ୧୬ରେ ନିର୍ବାଚନ ହେବ। ୧୮ ତାରିଖରେ ଜଗତ୍‌ସିଂହପୁର ବ୍ଲକର ୩୦ଟି ପଞ୍ଚାୟତ ଓ ୪ଟି ଜିଲା ପରିଷଦ ଜୋନ ପାଇଁ ନିର୍ବାଚନ କରାଯିବ। ୨୦ ତାରିଖରେ ତିର୍ତ୍ତୋଲ ବ୍ଲକର ୪ଟି ଜିଲା ପରିଷଦ ଜୋନ ସହ ୨୯ ପଞ୍ଚାୟତ ଏବଂ ବିରିଡ଼ି ବ୍ଲକର ୨ ଜିଲା ପରିଷଦ ଜୋନ ଓ ୨୧ ପଞ୍ଚାୟତରେ ମତଦାନ ହେବ। ୨୨ତାରିଖରେ ରଘୁନାଥପୁର ବ୍ଲକର ୨ ଜିଲା ପରିଷଦ ଜୋନ ସହ ୧୯ ପଞ୍ଚାୟତ ଓ କୁଜଙ୍ଗର ୪ ଜିଲା ପରିଷଦ ଜୋନ ସହ ୨୮ ପଞ୍ଚାୟତ ପାଇଁ ନିର୍ବାଚନ କରାଯିବ। ୨୪ ତାରିଖରେ ନାଉଗାଁ ବ୍ଲକର ୨ ଜିଲା ପରିଷଦ ଜୋନ ସହ ୧୬ ପଞ୍ଚାୟତ ଏବଂ ଏରସମାର ୪ ଜିଲା ପରିଷଦ ଜୋନ ଓ ୨୫ ପଞ୍ଚାୟତ ପାଇଁ ନିର୍ବାଚନ କରିବାକୁ ନିଷ୍ପତ୍ତି ହୋଇଛି। ଜିଲାରେ ଏଥର ୧୫୯୬ଟି ପୋଲିଂ ପାର୍ଟି ନିଯୁକ୍ତ ହେବେ। ପ୍ରତି ପାର୍ଟିରେ ଜଣେ ପ୍ରିଜାଇଡିଂ ଅଫିସର ଓ ୨ ଜଣ ପୋଲିଂ ଅଫିସର ରହୁଥିବାରୁ ମୋଟ ଉପରେ ୪୭୮୮ ଜଣ କର୍ମଚାରୀଙ୍କୁ ନିୟୋଜନ କରାଯିବ। ସେମାନଙ୍କୁ ଫେବୃୟାରୀ ୬ରୁ ୯ ତାରିଖ ଭିତରେ ଜଗତ୍‌ସିଂହପୁର ସମେତ ବିଭିନ୍ନ ସ୍ଥାନରେ ତାଲିମ ଦିଆଯିବ। ପୋଲିଂ ପାର୍ଟିର ପ୍ରତ୍ୟେକ କର୍ମଚାରୀ ବୁଷ୍ଟର ଡୋଜ୍ ନେବା ବାଧ୍ୟତାମୂଳକ କରାଯାଇଛି। ନିର୍ବାଚନ ପାଇଁ ଏରସମା, ବାଲିକୁଦା, କୁଜଙ୍ଗ, ଜଗତ୍‌ସିଂହପୁର ଓ ତିର୍ତ୍ତୋଲ ବ୍ଲକରେ ମହିଳା ପୁଲିଂ ଓ ପୋଲିସ କର୍ମଚାରୀଙ୍କୁ ନେଇ ବୁଥ୍ କରାଯିବ। ସେମାନେ ଏହାର ପରିଚାଳନା ଦାୟିତ୍ୱରେ ରହିବେ। ଏଭଳି ପ୍ରାୟ ୧୪୦ଟି ମହିଳା ବୁଥ୍ କରାଯିବ। ଉପରୋକ୍ତ ବ୍ଲକ ମୁଖ୍ୟାଳୟକୁ ଲାଗି ରହିଥିବା ପଞ୍ଚାୟତରେ ଏସବୁ ବୁଥ୍ ରହିବ ବୋଲି ଜିଲା ପଞ୍ଚାୟତ ଅଧିକାରୀ (ଡିପିଓ) ଚକ୍ରଧର ମାହାଳି କହିଛନ୍ତି।

## କ୍ରିକେଟ୍: ନିଆଳ ନିଗମ ଟିମ୍ ଚାମ୍ପିୟନ



ଟ୍ରଫି ସହ ଖେଳାଳିମାନେ।

**ଆଳି,୨।୨(ଡି.ଏନ.ଏ.)**

ଆଳି ବ୍ଲକ ଅନ୍ତର୍ଗତ ଭାଟପଡାର ବାବା ସ୍ୱପ୍ନେଶ୍ୱର କ୍ରିକେଟ ଟିମ୍ ଆନୁକୂଲ୍ୟରେ ଜାନୁୟାରୀ ୩୧ ରେ ଆରମ୍ଭ ହୋଇଥିବା ଟୁର୍ଣ୍ଣାମେଣ୍ଟ ବୁଧବାର ସନ୍ଧ୍ୟାରେ ଫାଇନାଲ ମ୍ୟାଚ ହୋଇଛି। ଫାଇନାଲରେ ନିଆଳ ନିଗମ କ୍ରିକେଟ ଟିମ୍ ସହ ମାଣିକ ପାଟଣା କ୍ରିକେଟ ଟିମ୍ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମେ ନିଆଳ ନିଗମ ଟିମ୍ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ଓଭର ମଧ୍ୟରେ ୧୪୭ ରନ୍ ସଂଗ୍ରହ କରି ଥିଲା। ଜବାବରେ ମାଣିକ ପାଟଣା କ୍ରିକେଟ ଟିମ୍ ନିର୍ଦ୍ଧାରିତ ସମୟ ମଧ୍ୟରେ ୭ ଉଇକେଟ ହରାଇ ମାତ୍ର ୧୪୩ ରନ୍ ସଂଗ୍ରହ କରି ମ୍ୟାଚ ହାରିଯାଇଥିଲା। ଏହି ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାଜପା ନେତା କୃଷ୍ଣଚନ୍ଦ୍ର ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବି.ଏମ୍. ସେନାପତି ଓ ସୁବାଶିଷ ଷଡଙ୍ଗୀ ଯୋଗଦେଇ ଚମ୍ପିୟାନ ଓ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ୍ ଅଫ ଦିନ ମ୍ୟାଚ ଭାବେ ନିଆଳ ନିଗମର ବସନ୍ତ ପାଣ୍ଡବ ଓ ମ୍ୟାନ୍ ଅଫ ଦି ସିରିଜ ଭାବେ ନିଆଳ ନିଗମ ଶ୍ରୀତମ ମଲ୍ଲିକ ପୁରସ୍କୃତ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୮ଟି କ୍ରିକେଟ ଟିମ୍ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚରେ ନିତ୍ୟାନନ୍ଦ ମଲ୍ଲିକ ଓ ଅଶୋକ ଦାସ ଅମ୍ପାୟାର ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ।

## ୩୬୯୮ରୁ ୧୫୭୫ ବୁଥ୍ ଉତ୍ତେଜନାପ୍ରବଣ

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୨**
**■ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ସର୍ବାଧିକ ଚିହ୍ନଟ**
**■ ହିଂସାତ୍ମକ କାର୍ଯ୍ୟ ରୋକିବାକୁ ଜନ ସହଯୋଗ ଆବଶ୍ୟକ**

**କେନ୍ଦ୍ରାପଡ଼ା ଅଫିସ, ୨।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ କେନ୍ଦ୍ରାପଡ଼ା ଜିଲାର ରାଜକନିକା ବ୍ଲକ ଅଞ୍ଚଳରେ ସର୍ବାଧିକ ୪୮୪ ବୁଥ୍ ରହିଛି। ଏଠାରେ ମାତ୍ର ୯୬ଟି ବୁଥ୍ ଉତ୍ତେଜନାପ୍ରବଣ। ଏହାପରେ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳର ୪୧୨ ବୁଥ୍‌ରୁ ୭୧ ଉତ୍ତେଜନାପ୍ରବଣ ଚିହ୍ନଟ ହୋଇଥିବାରୁ ଦ୍ୱିତୀୟ ସ୍ଥାନରେ ଅଛି। ଜିଲାରେ ମୋଟ ୩୬୯୮ ବୁଥ୍ ମଧ୍ୟରୁ ପ୍ରାୟ ୪୩ ପ୍ରତିଶତ ଅର୍ଥାତ୍ ୧୫୭୫ଟି ବୁଥ୍ ଉତ୍ତେଜନାପ୍ରବଣ ଥିବା ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ନିର୍ବାଚନ କମିଶନଙ୍କୁ ସୂଚନା ଦିଆଯାଇଛି। ଜିଲାର ମହାକାଳପଡ଼ା ବ୍ଲକ ଅଞ୍ଚଳରେ ମୋଟ ୪୭୪ ବୁଥ୍ ମଧ୍ୟରୁ ୨୬୦ଟି ଉତ୍ତେଜନାପ୍ରବଣ ଭାବେ ଚିହ୍ନଟ ହୋଇଛି। ଯାହାକି ଜିଲାରେ ସର୍ବାଧିକ ବୁଥ୍ ଉତ୍ତେଜନାପ୍ରବଣ ବୋଲି ଜିଲା ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଛି। ତଥ୍ୟ ଅନୁଯାୟୀ, ଡେରାବିଶ ବ୍ଲକ ଅଞ୍ଚଳରେ ଥିବା ୩୯୦ ବୁଥ୍‌ରୁ ୧୯୧, ଆଳିର ୪୯୦ରୁ ୧୯୪, ମାର୍ଶାଘାଇର ୩୬୬ରୁ ୧୬୧, ପଟ୍ଟାମୁଣ୍ଡାଇର ୪୨୨ରୁ ୧୬୫, ରାଜନଗର ୩୬୩ରୁ ୨୦୧ ଓ ଗରଦପୁର ବ୍ଲକ ଅଞ୍ଚଳରେ ଥିବା ୨୮୦ରୁ ୨୩୬ଟି ଉତ୍ତେଜନାପ୍ରବଣ ବୁଥ୍ ବୋଲି ଚିହ୍ନଟ ହୋଇଥିବା ଜିଲା ପଞ୍ଚାୟତ ଅଧିକାରୀ ସନ୍ତୋଷ କୁମାର ସାହୁ ବୁଧବାର ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ମହାକାଳପଡ଼ାର ସୁନୀଲ କୁମାର ଗନ୍ତାୟତ, ହରେକୃଷ୍ଣ ପାତ୍ର, କେନ୍ଦ୍ରାପଡ଼ାର ନିରଞ୍ଜନ ପରିଡା ପ୍ରମୁଖ କହିଛନ୍ତି, ନିର୍ବାଚନ ସମୟରେ ହିଂସାତ୍ମକ କାର୍ଯ୍ୟ ସର୍ବଦା ବର୍ଜନୀୟ। ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏହା ବାଧକ ସାଜୁଛି। ଚଳିତ ନିର୍ବାଚନ ପ୍ରକ୍ରିୟା ଆରମ୍ଭରୁ ରାଜନୈତିକ ଆକ୍ରୋଶ ମାମଲା ଦିନକୁଦିନ ବଢ଼ି ଚାଲିଛି। ଆଳି ବ୍ଲକ ଅଞ୍ଚଳରେ ଜଣେ ସରପଞ୍ଚଙ୍କ ଘର ପୋଡି ଦିଆଯାଇଥିବା ନେଇ ଥାନାରେ ମାମଲା ହୋଇଛି। ସେହିପରି ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର ବ୍ଲକ ଅଞ୍ଚଳରେ ଏପରି ଘଟଣାକୁ ନେଇ ୪ଟି ମାମଲା ଥାନାରେ ପଞ୍ଜୀକୃତ ହୋଇଛି। ଜିଲାର କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳକୁ ଛାଡି ଦେଲେ ଅନ୍ୟ ବ୍ଲକ ଅଞ୍ଚଳରେ ରାଜନୈତିକ ଆକ୍ରୋଶ ବଢ଼ିବାରେ ଲାଗିଛି। ବିଶେଷକରି ଉପାନ୍ତ ଅଞ୍ଚଳରେ ନିର୍ବାଚନୀ ପ୍ରତିହିଂସା ଘଟଣା ପ୍ରତିଦିନ ବଢୁଛି। ଏହାର କାରଣ ହେଉଛି, ଦୀର୍ଘଦିନ ଧରି ସ୍ଥାନୀୟ ସମସ୍ୟା ସମାଧାନ ହେଉନାହିଁ। ପାନୀୟ ଜଳ, ଗ୍ରାମ୍ୟ ରାସ୍ତା ନିର୍ମାଣ ସାମୂହିକ ହୋଇଥିବା ବେଳେ ରାଶନ କାର୍ଡ, ଭତ୍ତା, ଆବାସ ଯୋଜନାକୁ ନେଇ ପ୍ରାର୍ଥୀଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଏହା ଦଳୀୟ ଅସନ୍ତୁଷ୍ଟ ପ୍ରାର୍ଥୀଙ୍କୁ ସୁହାଉଛି। ଏହାବ୍ୟତୀତ ଖରସ୍ରୋତା ପାଣି ବିବାଦ ଆଳି ଓ ରାଜକନିକା ବ୍ଲକ ଅଞ୍ଚଳରେ ପ୍ରମୁଖ ମତଭେଦର କାରଣ ହୋଇଛି। ମହାକାଳପଡ଼ାରେ ଅନୁପ୍ରବେଶ ସମସ୍ୟା ଏହାକୁ ଅଧିକ ହିଂସାପ୍ରବଣ କରୁଛି। ସ୍ଥାନୀୟ ଅଞ୍ଚଳର ଲୋକେ ଗୁଜବଠାରୁ ଦୂରେଇ ରହିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ଅମୃତ ଋତୁରାଜ କହିଛନ୍ତି, ଉତ୍ତେଜନାପ୍ରବଣ ବୁଥ୍ ଚିହ୍ନଟ ପରେ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବୁଥ୍‌ରେ ସିସିଟିଭି ଲଗାଇବା, ଉତ୍ତେଜନାପ୍ରବଣ ଅଞ୍ଚଳରେ ବ୍ୟାପକ ପୋଲିସ ମୁତୟନ ସହିତ ଜିଲା ପୋଲିସ ପକ୍ଷରୁ ମୋବାଇଲ ଟିମ୍ ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଟିମ୍‌ରେ ୪ ଚକିଆ ଯାନ ସହିତ ବାଇକ୍ ନିୟୋଜିତ ହେବ। ପ୍ରତ୍ୟେକ ଟିମ୍ ପାଇଁ ସିୟୁଜି ନମ୍ବର ସହିତ ହ୍ୱାଟ୍‌ସଆପ ଗ୍ରୁପ ଗଠନ ହୋଇଛି। ହିଂସାତ୍ମକ କାର୍ଯ୍ୟ ରୋକିବାକୁ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ। କୌଣସି ସ୍ଥାନରେ ଏପରି ଘଟଣା ନଜରକୁ ଆସିଲେ ସ୍ଥାନୀୟ ପୋଲିସ ଅଥବା ଜିଲା ପ୍ରଶାସନର ଅଧିକାରୀଙ୍କୁ ଜଣାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲାପାଳ ଋତୁରାଜ ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୩ ଫେବୃୟାରୀ, ୨୦୨୨



## ଜିଲାପାଳଙ୍କ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

ଦିଗପହଣ୍ଡି,(ଡି.ଏନ.ଏ.) ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ଚାଲିଥିବା ପ୍ରସ୍ତୁତି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ବିଡିଓ ହଳଧର ଶବର ଏବଂ ଦିଗପହଣ୍ଡି ତହସିଲଦାର ସିପକ କୁମାର ପାତ୍ରଙ୍କ ଉପସ୍ଥିତିରେ ଭୋଟ ଗ୍ରହଣ କେନ୍ଦ୍ରର ସ୍ଥିତି ସମ୍ପର୍କରେ ବୁଝିବା ସହ ଷ୍ଟ୍ରଙ୍ଗରୁମକୁ ବୁଲି ଦେଖିଥିଲେ। ଏହି ଅବସରରେ ସମସ୍ତ ପଞ୍ଚାୟତରେ ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ଦିଗରେ ସ୍ଥାନୀୟ ପ୍ରଶାସନ ଯେକୌଣସି ସହଯୋଗ ଆବଶ୍ୟକ କରିବେ ତାହା ତତ୍କାଳ ଯୋଗାଇ ଦେବାକୁ ଗଞ୍ଜାମ ଜିଲା ପ୍ରଶାସନ ପ୍ରସ୍ତୁତ ଥିବା ସେ ଉପସ୍ଥିତ ଅଧିକାରୀମାନଙ୍କୁ ସୂଚନା ଦେଇଛନ୍ତି।

# ଗଞ୍ଜାମ ଜିଲାରେ ଜୋର ଧରିଲା ପ୍ରଚାର

- ବିଜେଡି ପାଇଁ ସମ୍ମାନର ପ୍ରଶ୍ନ
- ପ୍ରଚାରକୁ ଆସୁନାହାନ୍ତି ପୁରୁଖା କଂଗ୍ରେସ ନେତା

ବ୍ରହ୍ମପୁର ଅଫିସ,୨।୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ମତଦାନ ଆରମ୍ଭ ତାରିଖ ନିକଟତର ହୋଇଛି। ତେଣୁ ସର୍ବାଧିକ ୫୦୩ ପଞ୍ଚାୟତ ଥିବା ଗଞ୍ଜାମରେ ରାଜନୈତିକ ତତ୍ପରତା ପ୍ରକାଶ ପାଇଛି। ଚଳିତ ନିର୍ବାଚନରେ ମୁଖ୍ୟତଃ ଶାସକ ବିଜେଡି ଓ ମୁଖ୍ୟ ବିରୋଧୀ ଭାଜପା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଘମାଘୋଟ ହେବାର ଏବେଠୁ ଆକଳନ କରାଯାଇଛି। ଗୋଷ୍ଠୀ କନ୍ଦଳ ଏବଂ ପୁରୁଣା ନେତା ଓ କର୍ମୀ ଦଳ କାର୍ଯ୍ୟକ୍ରମରେ ଦିଶୁ ନ ଥିବା ବେଳେ ନୂଆମାନେ ସେତେଟା ଜଣାଶୁଣା ନ ଥିବାରୁ କଂଗ୍ରେସର ସମସ୍ୟା ବଢ଼ାଇ ଦେଇଛି। ଅପରପକ୍ଷରେ ଏହି ନିର୍ବାଚନକୁ ବିଜେଡି ଗୁରୁତ୍ୱ ଦେଇଛି। ପ୍ରାର୍ଥୀ ଚୟନ ଓ ଜିଲା ପରିଷଦ ଜୋନ୍‌ର ସମସ୍ତ ଦାୟିତ୍ୱ ବିଧାୟକମାନଙ୍କୁ ନ୍ୟସ୍ତ କରାଯାଇଛି। ଫଳାଫଳରେ ବ୍ୟତିକ୍ରମ ହେଲେ ସେମାନେ ଉତ୍ତରଦାୟୀ ହେବାର ସ୍ପଷ୍ଟ ହୋଇଛି। ବୁଧବାର ଆଲୋଚନା ପ୍ରସଙ୍ଗରେ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି।

ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ଦଳୀୟ ବିଧାୟକ ନ ଥିବାରୁ ଧରାକୋଟ ଓ ସାନଖେମୁଣ୍ଡି ବ୍ଲକର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ହୋଇଛନ୍ତି ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା। ସେ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀଙ୍କ ସହ ଦୁଇ ବ୍ଲକର ସବୁ ଜୋନ୍‌ରେ ବୁଲୁଛନ୍ତି। ସେହିପରି ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଦଳରୁ ବର୍ଷକ ପୂର୍ବେ ବହିଷ୍କୃତ ହୋଇଥିବାରୁ ସେ ସମ୍ପୂର୍ଣ୍ଣ ଦୂରେଇ ରହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ ଗୋପାଳପୁର ଦାୟିତ୍ୱରେ ଅଛନ୍ତି। ସେହି ନିର୍ବାଚନମଣ୍ଡଳୀର ୪ ଜିଲା ପରିଷଦ ଜୋନ୍‌ରୁ ୨୦୧୭ ନିର୍ବାଚନରେ ଦୁଇଟି ଭାଜପା ଦଖଲ କରିଥିଲା। ଏହି ନିର୍ବାଚନରେ ଶତ ପ୍ରତିଶତ ସଫଳତା ଲାଗି ବିଜେଡି ରଣନୀତି ପ୍ରସ୍ତୁତ କରିଛି।

ବିଜେଡି ନିର୍ବାଚନୀ ସାମଗ୍ରୀ ମଙ୍ଗଳବାର ରାତିରେ ବ୍ରହ୍ମପୁରସ୍ଥ ଦଳ କାର୍ଯ୍ୟାଳୟରେ ପହଞ୍ଚିଛି। ବୁଧବାର ପତାକା ସମେତ ଅନ୍ୟ ସାମଗ୍ରୀ ବିଭିନ୍ନ ବ୍ଲକକୁ ପଠାଯାଇଥିବା ଚ୍ୟାଉ ପଟ୍ଟନାୟକ ସୂଚାଇଛନ୍ତି। ତେବେ ପ୍ରାର୍ଥୀମାନଙ୍କ ଲାଗି ନଗଦ ନାରାୟଣ ସମ୍ପର୍କରେ ଜାଣିନଥିବା ଦର୍ଶାଇଛନ୍ତି। ତାହା ଜିଲା ପାଇଁ ଦଳ ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସିଧା ବିଧାୟକଙ୍କ ସହ ସମ୍ପର୍କ ରଖୁଥିବା ଚ୍ୟାଉ ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି। ବୁଧବାରରୁ ଜିଲାରେ ବିଜେଡିର ପ୍ରଚାର ଜୋରଦାର ହୋଇଥିବା ବିଭିନ୍ନ ସୂତ୍ରରୁ ଖବର ମିଳିଛି। ସେହିପରି ଭାଜପାର ଦୁଇଟି ଯାକ ସାଙ୍ଗଠନିକ ଜିଲାରେ ନିର୍ବାଚନୀ ପ୍ରଚାର ଲାଗି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ୨୦୧୭ ନିର୍ବାଚନରେ ଜିଲାର ୬୯ ଜିଲା ପରିଷଦ ଜୋନ୍‌ରୁ ଭାଜପାର ମାତ୍ର ୪ ନିର୍ବାଚିତ ହୋଇଥିଲେ। ଏଥର ଅଧିକ ଆସନ ଛଡ଼ାଇ ନେବାର ଟାର୍ଗେଟ କରିଛି ଭାଜପା।

ଗତ ନିର୍ବାଚନ ବେଳେ ଚନ୍ଦ୍ରଶେଖର ସାହୁ ଓ ଅନ୍ୟ ବଡ଼ ନେତାମାନେ କଂଗ୍ରେସରେ ଥିଲେ। ତଥାପି ଜିଲାର ମାତ୍ର ଗୋଟିଏ ଜୋନ୍‌ରେ କଂଗ୍ରେସ ପ୍ରାର୍ଥୀ ନିର୍ବାଚିତ ହୋଇ ବଂଶରକ୍ଷା କରିଥିଲେ। ଏବେ ଚନ୍ଦ୍ରଶେଖର ବିଜେଡିରେ ଅଛନ୍ତି ଏବଂ ବ୍ରହ୍ମପୁର ଲୋକ ସଭା ସଦସ୍ୟ ହୋଇଛନ୍ତି। ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କୁ ଜିଲା କଂଗ୍ରେସ ସଭାପତି କରାଯାଇଛି। ସେ ନୂଆ ଟିମ୍ ଗଠନ କରି ପୁରୁଖାମାନଙ୍କୁ ପଚାରୁ ନାହାନ୍ତି। ପୁରୁଣା ନେତାମାନେ ସ୍ୱାଭିମାନୀ ହୋଇ ନିର୍ବାଚନ ପ୍ରଚାର ମଇଦାନକୁ ଆସୁନାହାନ୍ତି। ଅନ୍ୟପକ୍ଷରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ନିର୍ବାଚନୀ ତଥ୍ୟ ମିଳୁନାହିଁ।

## ସଂକ୍ଷେପରେ

### ସୋରଡ଼ାରେ କଂଗ୍ରେସର ପ୍ରଚାର

ସୋରଡା,୨।୨(ଡି.ଏନ୍.ଏ.):ସୋରଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରେ ମଙ୍ଗଳବାର ସାନଖେମୁଣ୍ଡି ବିଧାୟକ ଜିଲା କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ଜେନା ପହଞ୍ଚି ନିଜ ଦଳର ପ୍ରାର୍ଥୀମାନଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ବଡଗଡ, ପଦ୍ମପୁର, ଗାଙ୍ଗପୁର, ସିଦ୍ଧପୁର, ଏକଲପୁର, ବାଟଶାସନ ଅଞ୍ଚଳର ଜନସାଧାରଣଙ୍କୁ କଂଗ୍ରେସକୁ ଭୋଟିବାକୁ ଅନୁରୋଧ କରିଛନ୍ତି। ଏହାଛଡ଼ା ବ୍ଲକର ୪ ଜିଲାପରିଷଦ ଜୋନର ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ପ୍ରଚାର ଜାରି ରଖିବାକୁ ବ୍ଲକ କଂଗ୍ରେସ ସଭାପତି ହରିକୃଷ୍ଣ ରଥ କହିଛନ୍ତି। ଅନ୍ୟପଟେ ଭାଜପା ତରଫରୁ ବରିଷ୍ଠ ନେତା ନୀଳମଣି ବିଶୋୟୀ ନିଜ ଦଳର ପ୍ରାର୍ଥୀମାନଙ୍କୁ ଜିତାଇବାକୁ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି।

### ରାଇକିଆରେ ବିଜେଡିର ପ୍ରଚାର

ରାଇକିଆ,୨।୨(ଡି.ଏନ.ଏ.): ରାଇକିଆ ବ୍ଲକ ବିଜେଡି ତରଫରୁ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ବୁଧବାର ମଣ୍ଡକିଆ ଓ ପେଟାପାଙ୍ଗାଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀ ସୁନନ୍ଦାବେହେରାଙ୍କ ପାଇଁ ପ୍ରଚାର କରିଛନ୍ତି। ଏଥିସହ ବେରେଡାକିଆ ପଞ୍ଚାୟତରେ କର୍ମୀଙ୍କୁ ଭେଟି ଦଳୀୟ ପ୍ରଚାର ସମ୍ପର୍କରେ ଆଲୋଚନା କରିଛନ୍ତି।

### ଛାତରୁ ଖସି ଶ୍ରମିକ ଗୁରୁତର

ପାତ୍ରପୁର,୨।୨(ଡି.ଏନ.ଏ)- ପାତ୍ରପୁର ବସ୍‌ଷ୍ଟାଣ୍ଡରେ ବୁଧବାର ଜଣେ ଶ୍ରମିକ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଛନ୍ତି। ସେ ହେଲେ ସୁନାପୁର ଗ୍ରାମର ଗୋବିନ୍ଦ ରାଉଳ (୩୫)। ଗୋବିନ୍ଦ ପାତ୍ରପୁର ଗ୍ରାମର ଜଣଙ୍କ ଘର ରଙ୍ଗ ମାରୁଥିବା ବେଳେ ଘରକୁ ଲାଗି ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତଳେ ପଡ଼ିଥିଲେ। ତାଙ୍କୁ ପାତ୍ରପୁର ମେଡିକାଲ, ବ୍ରହ୍ମପୁର ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ବିଜେଡି ସାଂଗଠନିକ ବୈଠକ

ଗଞ୍ଜାମ,୨।୨(ଡି.ଏନ.ଏ.)-ଗଞ୍ଜାମ ବ୍ଲକ ବିଜେଡି ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଗୋପାଳପୁର ସ୍ଥିତ ମଲ୍ଲିକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ଆଦିକନ୍ଦ ସେଠୀ, ୧୪ ନଂ ଜିଲାପରିଷଦ ପ୍ରାର୍ଥିନୀ ସସ୍ମିତା ସ୍ୱାଇଁ, ୧୫ ନଂ ଜିଲାପରିଷଦ ପ୍ରାର୍ଥୀ ସନାତନ ବେହେରା, ନିର୍ଦ୍ୱନ୍ଦ୍ୱ ସରପଞ୍ଚ କବିତା ସାହୁ, ସମିତିସଭ୍ୟା କବିତା ରେଡ୍ଡୀ ପ୍ରମୁଖ ମଞ୍ଚାସୀନ ଥିଲେ। ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ଉର୍ମିଳା ପଲାଇ, ଉପାଧ୍ୟକ୍ଷ ନୀଳାଞ୍ଚଳ ବାରିକି, ବିଜେଡି ଏନ୍‌ଏସି ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ଗଞ୍ଜାମ ବ୍ଲକ ସଭାନେତ୍ରୀ ଜୟନ୍ତୀ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦଳୀୟ ପ୍ରଚାର ଗାଡିର ଶୁଭାରମ୍ଭ କରିଥିଲେ ବିଧାୟକ। ସରପଞ୍ଚ ନିରଞ୍ଜନ ରେଡ୍ଡୀ, ପ୍ରଭାତ ସେଠୀ, ସମିତିସଭ୍ୟ କୈଳାସ ସ୍ୱାଇଁ, ଜିଲା ଛାତ୍ର ଉପସଭାପତି ଲିଙ୍ଗରାଜ ମହାପାତ୍ର, ବ୍ଲକ ସମ୍ପାଦକ ଉମା ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୫୭ନଂ. ଜୋନ୍‌ରେ ପ୍ରଚାର ଜୋରଦାର

ଶେରଗଡ଼,୨।୨(ଡି.ଏନ୍.ଏ.)-ଶେରଗଡ ବ୍ଲକ ୫୭ନଂ. ଜୋନ୍ ଜିଲା ପରିଷଦ ପାଇଁ ବିଜେଡି ପକ୍ଷରୁ ପ୍ରଚାର ଆରମ୍ଭ କରାଯାଇଛି। ଅଲାରିଗଡ଼ ଗ୍ରାମରୁ ଜଗନ୍ନାଥ ଦର୍ଶନ ସାରି ପ୍ରାର୍ଥିନୀ ନିବେଦିତା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସାରସ ସ୍ୱାଇଁଙ୍କୁ ନେଇ ଅଲାରିଗଡ଼, ଖଇରାବେଠି, ଲକ୍ଷ୍ମୀପୁର ଗ୍ରାମରେ ପ୍ରଚାର କରିଛନ୍ତି। ଅଲାରିଗଡ଼ଠାରେ ସରପଞ୍ଚ ଅଶୋକ କୁମାର ସ୍ୱାଇଁ, ମଙ୍ଗୁଲୁ ସ୍ୱାଇଁ ସ୍ୱାଗତ କରିଥିଲେ। ସେହିପରି କୁରୁଳା ପଞ୍ଚାୟତରେ ମଧ୍ୟ ବିଜେଡି ପକ୍ଷରୁ ଜିଲା ପରିଷଦ ପ୍ରାର୍ଥୀ ନିବେଦିତା ପ୍ରଧାନ ପ୍ରଚାର କରିଥିଲେ।

### ଦୌଡ଼ରେ ଗଞ୍ଜାମ ଜିଲାକୁ ୪ ସ୍ୱର୍ଣ୍ଣ

ବ୍ରହ୍ମପୁର ଅଫିସ,୨।୨-ଇଣ୍ଟନ୍ୟାଶନାଲ ରୁରାଲ ୟୁଥ ଅଲିମ୍ପିକ ଗେମସ୍ ଫେଡ଼େରେଶନ ପକ୍ଷରୁ ଜାନୁୟାରୀ ୨୮ରୁ ୩୦ ପର୍ଯ୍ୟନ୍ତ ଗୋଆ ମଡ଼ଗାଓଁଠାରେ ନ୍ୟାଶନାଲ ରୁରାଲ ୟୁଥ ଅଲିମ୍ପିକ ଗେମସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାରୁ ମାତ୍ର ଦୁଇଜଣ କ୍ରୀଡ଼ାବିତ ଡ଼ି. ସନ୍ଦିପ ରାଓ ଓ ପଞ୍ଚାନନ ସେଠୀ ଦୌଡ଼ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ୧୦୦ ମିଟର ଦୌଡ଼ ଓ ୨୦୦ ମିଟର ଦୌଡ଼ରେ ପ୍ରଥମ ଏବଂ ପଞ୍ଚାନନ ୪୦୦ ଓ ୮୦୦ ମିଟର ଦୌଡ଼ରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ଉଭୟ ୨ ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଉଭୟ କ୍ରୀଡ଼ାବିତ୍‌ଙ୍କ ଏହି ସଫଳତାରେ କୋଚ ସୀମାଞ୍ଚଳ ପାଢ଼ୀଙ୍କ ସମେତ ବ୍ରହ୍ମପୁର ଫିଜିକାଲ ଏକାଡ଼େମିର କ୍ରୀଡ଼ାବିତ୍‌ମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଗାନ୍ଧୀ ପ୍ରତିମୂର୍ତ୍ତି ଭାଙ୍ଗିବା ପ୍ରତିବାଦରେ ଧାରଣା



ଧାରଣାରତ ସଂଘ କର୍ମକର୍ତ୍ତା ।

ବ୍ରହ୍ମପୁର ଅଫିସ,୨।୨

ରାସ୍ତା ନିର୍ମାଣ ନାମରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିଙ୍କୁ ଭଙ୍ଗା ଯିବା ଅଭିଯୋଗରେ ବୁଧବାର ଭାରତୀୟ ବିକାଶ ପରିଷଦ ପକ୍ଷରୁ ଗାନ୍ଧୀ ଛକ ସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତିଠାରେ ୨ ଘଣ୍ଟିଆ ଗଣଧାରଣା ଦିଆଯାଇଛି। ବିକାଶ ପରିଷଦ ପକ୍ଷରୁ କୁହାଯାଇଛି, ୧୯୯୨ରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଗାନ୍ଧୀ ପାର୍କରୁ ଉଠାଯାଇ ମୋଚି ସାହିଠାରେ ସ୍ଥାପନ କରାଯାଇଥିଲା। ଏହା ପରେ ପ୍ରତିମୂର୍ତ୍ତିକୁ ରାସ୍ତା ମରାମତି ନାମରେ ସ୍ଥାପିତ ମୂର୍ତ୍ତିକୁ ଭାଙ୍ଗି ମୁସଲିମ ବସ୍ତି ନିକଟ ଏକ ବିଦ୍ୟାଳୟ ପାଖରେ ରଖାଯାଇଥିଲା। ନିକଟରେ ମହାତ୍ମା ଗାନ୍ଧୀଙ୍କ ୭୫ତମ ଶ୍ରାଦ୍ଧ ଦିବସ ଅବସରରେ କେତେକ ବୁଦ୍ଧିଜୀବୀ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କିନ୍ତୁ ବର୍ତ୍ତମାନ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ଉଠାଯାଇ ପୁଣି ଅନ୍ୟତ୍ର ଫୋପାଡି ଦିଆଯାଇଥିବା ଭାରତୀୟ ବିକାଶ ପରିଷଦ ଅଭିଯୋଗ କରିଛି। ଯାହାକି ମହାତ୍ମାଙ୍କ ପ୍ରତି ଅସମ୍ମାନ ବୋଲି ସଂଘ ପ୍ରକାଶ କରିଛି। ଏହା ବିଏମ୍‌ସି ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ହୋଇଥିବା ପରିଷଦ ଅଭିଯୋଗ କରିଛନ୍ତି। ଏଣୁ ଏଭଳି ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବିକାଶ ପରିଷଦ ଦାବି କରିଛି। ଧାରଣାରେ କିଶୋର ଚନ୍ଦ୍ର ପାତ୍ର, ମାଧବ ଜେନା, ଗୁରୁ ଚରଣ ପାତ୍ର, ରାଜେନ୍ଦ୍ର ଦଳବେହେରା ଓ ସାଗର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବେଲଗାଁ ପଞ୍ଚାୟତରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ



ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର ଅଫିସ,୨।୨

ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ବେଲଗାଁ ପଞ୍ଚାୟତଠାରେ ବୁଧବାର ନୂତନ ବିଜୁ ଜନତା ଦଳ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ହିଞ୍ଜିଳି ବ୍ଲକ ଅଧ୍ୟକ୍ଷ ଏନ.ରଘୁନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ, ୬୯ ନଂ. ଜୋନ୍ ବିଜେଡି ପ୍ରାର୍ଥୀ ପ୍ରୀତି ସାହୁଙ୍କ ଆହ୍ୱାନ କ୍ରମେ ଏହି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ହିଞ୍ଜିଳି ବିଜେଡି ସଭାପତି ସୁରେନ୍ଦ୍ର ନାଥ ପ୍ରଧାନ, ସାମାଜିକ କର୍ମୀ ଜି.ବିଶ୍ୱନାଥ, ୬୯ନଂ. ଜୋନ ଜିଲା ପରିଷଦ ସଭ୍ୟ ଦୁର୍ଗା ମାଧବ ମହାନ୍ତି, ଯୁବ ନେତା ଅନୁପ ପାଣିଗ୍ରାହୀ, ଅଜୟ ମହାରଣାଙ୍କ ସମେତ ୬୯ ନଂ. ଜୋନ୍ ଅନ୍ତର୍ଗତ ୮ ପଞ୍ଚାୟତର ସରପଞ୍ଚ ଓ ସମିତି ପ୍ରାର୍ଥୀ ଉପସ୍ଥିତ ଥିଲେ।

## ଖୋଡ଼ାସିଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରରେ ସଚେତନତା ରଥ ଶୁଭାରମ୍ଭ



ସ୍ୱାସ୍ଥ୍ୟ କେନ୍ଦ୍ରରେ ସଚେତନ ରଥ ଶୁଭାରମ୍ଭ ।

ବ୍ରହ୍ମପୁର ଅଫିସ,୨।୨

ବ୍ରହ୍ମପୁର ଖୋଡାସିଙ୍ଗି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ଏକ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଏହାକୁ ଅରୁଣା ସଭାପତି ପଦ୍ମନାଭ ଦାଭେ ଉଦ୍‌ଘାଟନ କରିଥିଲେ। ନିର୍ବାଚନ ସମୟରେ ଜନସାଧାରଣ କିଭଳି କୋଭିଡ୍‌ଠାରୁ ନିଜକୁ ସୁରକ୍ଷିତ ରଖିବେ ସଚେତନତା ରଥର ମୁଖ୍ୟ ଉଦ୍ଦେଶ୍ୟ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହି ରଥ ଜିଲାର ୬ ବ୍ଲକର ୨୦୦ ଗ୍ରାମକୁ ଯାଇ ସଚେତନ କରିବ। ଏଥିସହ ୧୫ ଓ ୧୮ ବର୍ଷ ଏବଂ ଯୋଗ୍ୟ ବ୍ୟକ୍ତିଙ୍କୁ ବୁଷ୍ଟର ଡୋଜ ଓ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପ୍ରଦତ୍ତ ସମସ୍ତ କୋଭିଡ୍ ନିୟମାବଳୀ ସମ୍ପର୍କରେ ସଚେତନ କରିବ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ମେଡିକାଲ ଅଧିକାରୀ ବଂଶୀଧର ପାଣିଗ୍ରାହୀ, ସଦାଶିବ ପାଣିଗ୍ରାହୀ, ଅରୁଣା ନିର୍ଦ୍ଦେଶକ ଲୋକନାଥ ମିଶ୍ର, ସମ୍ପାଦିକା ସୌଦାମିନୀ ରଥଙ୍କ ସମେତ ଦେବବ୍ରତ ମାହୁନ୍ତ, ସୁସ୍ମିତା ଭୋଇ, ମାର୍କଣ୍ଡ ମିଶ୍ର, ସୂର୍ଯ୍ୟସ୍ମିନ କୁମାର ପଣ୍ଡିତ ଓ ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବୁଗୁଡ଼ା ଜେଏମ୍‌ଏଫ୍‌ସିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବୁଗୁଡ଼ା,୨।୨(ଡି.ଏନ.ଏ.)

ବୁଗୁଡ଼ା କୋର୍ଟର ଜେଏମ୍‌ଏଫ୍‌ସି ସୋନାଲି ଅପରାଜିତାଙ୍କ କେନ୍ଦ୍ରାପଡା କୋର୍ଟକୁ ବଦଳି ପରେ ବୁଗୁଡ଼ା ବାର୍ ଆସୋସିଏଶନ ପକ୍ଷରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବାର୍ ଆସୋସିଏଶନ ସଭାପତି ହରପ୍ରସାଦ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଓକିଲ ସରୋଜ ଚନ୍ଦ୍ର ସାହୁ, ଭକ୍ତ ରାମ ଦାଶ, ରବୀନ୍ଦ୍ର ପଣ୍ଡା, ପ୍ରଭାତ କୁମାର ଜେନା ଉପସ୍ଥିତ ଥିଲେ। ବୈଠକରେ ଓକିଲ ଅନିଲ ପଟ୍ଟନାୟକ, ମାନସ ରଞ୍ଜନ ଦାଶ, ସରୋଜ କୁମାର ଦାଶ, ଅମର ପଟ୍ଟନାୟକ, ମନୋଜ କୁମାର ପାଣିଗ୍ରାହୀ, ବ୍ରହ୍ମାନନ୍ଦ ରେଡ୍ଡୀ, ଆର୍ତ୍ତ ବନ୍ଧୁ ଖାଡ଼ଙ୍ଗା, ସୁଶାନ୍ତ ସେଠୀ, ନିଲୁ ପରିଡା, ସଂଗ୍ରାମ ପାତ୍ର, ସୁଦର୍ଶନ ପାତ୍ର, କାହ୍ନୁ ବୈକୁଣ୍ଠ ବିହାରୀ, ଶ୍ୟାମ ସୁନ୍ଦର ବିଶୋୟୀ ଯୋଗ ଦେଇ ଥିଲେ।

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

## ଅଭିଯୁକ୍ତ ବନପାଳଙ୍କୁ ସର୍ତ୍ତମୂଳକ ଜାମିନ

ବ୍ରହ୍ମପୁର ଅଫିସ,୨।୨-ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗିରଫ ହୋଇ ଜେଲରେ ଥିବା ଗଜପତି ଜିଲା ଆର.ଉଦୟଗିରି ରେଞ୍ଜ ଅଧୀନ ନୂଆଗଡ ବନପାଳ ଗଣେଶ ପ୍ରଧାନଙ୍କୁ ହାଇକୋର୍ଟ ନିର୍ଦ୍ଦେଶରେ ଜାମିନ ମିଳିଛି। ବୁଧବାର ଗଞ୍ଜାମ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲୁନା ମହାନ୍ତି ଅଭିଯୁକ୍ତ ଗଣେଶଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ଗଜପତି ଜିଲା ଆର.ଉଦୟଗିରି ରେଞ୍ଜ ଅଧୀନରେ ଥିବା ନୂଆଗଡ ବନପାଳ ଗଣେଶଙ୍କ ବିରୋଧରେ ହୋଇଥିବା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ଗଣେଶଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧ କୋଟିରୁ ଉର୍ଦ୍ଧ୍ୱ ଆକଳନ ହୋଇଥିଲା। ସେଥିମଧ୍ୟରୁ ୯୨ଲକ୍ଷ ୨୨ହଜାର ୫୬ ଟଙ୍କାର ହିସାବ ଭିଜିଲାନ୍ସକୁ ସେ ଦେଇପାରି ନ ଥିଲେ। ଭିଜିଲାନ୍ସ ତାଙ୍କୁ ଗତ ଡିସେମ୍ବର ୮ ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୂର୍ବରୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅଭିଯୁକ୍ତ ଗଣେଶଙ୍କ ଜାମିନ ଆବେଦନ ଖାରଜ କରି ଦେଇଥିଲେ। ଶେଷରେ ଉଚ୍ଚ ନ୍ୟାୟରେ ଜାମିନ ଆବେଦନ କରିଥିଲେ। ହାଇକୋର୍ଟ ଏହାର ଶୁଣାଣି କରି ଗଣେଶଙ୍କୁ ଜାମିନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୁଦର୍ଶନ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

## ଏକାଡେମି କପ୍ କ୍ରିକେଟ ଟୁର୍ନାମେଣ୍ଟ



ଅତିଥିଙ୍କ ସହ ମ୍ୟାନ ଅଫ ଦି ମ୍ୟାଚ ବିଜେତା ।

ବ୍ରହ୍ମପୁର ଅଫିସ,୨।୨

ବ୍ରହ୍ମପୁର ମେଡିକାଲ ପଡ଼ିଆଠାରେ ଚାଲିଥିବା ଏକାଡେମି କପ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ବୁଧବାର ମେଡିକାଲ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ ଲିଡ୍ସ ରାଇଜର ଓ ଲିଡ୍ସ କ୍ରିକେଟ ଏକାଡେମି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟସ୍ ଜିତି ଲିଡ୍ସ ରାଇଜର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୦ ଉଇକେଟ ହରାଇ ୧୧୫ ରନ ସଂଗ୍ରହ କରିଥିଲା। ଜବାବରେ ଲିଡ୍ସକ୍ରିକେଟ ଏକାଡେମି ୧୫ ଓଭରରେ ୪ ଉଇକେଟ ହରାଇ ୧୧୮ ରନକରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଥିଲା। ବୁଧବାର ମ୍ୟାଚରେ ଲିଡ୍ସ କ୍ରିକେଟ ଏକାଡେମିର ଅନିଲ ରାଓ ୪ ଓଭରରେ ୨୭ ରନ ଏବଂ ୨ ଉଇକେଟ ସଂଗ୍ରହ କରିଥିବା ବେଳେ ସତ୍ୟ ସୁଆର ୩ ଓଭରରେ ୧୬ ରନ କରି ୨ ଉଇକେଟ ଅକ୍ତିଆର କରିଉଭୟେ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚ ଶେଷରେ ଜାତୀୟ ସ୍ତରୀୟ ବ୍ୟାଡ୍‌ମିଣ୍ଟନ ରେଫରି ସୌମିତ୍ରୀ ପ୍ରସାଦ ଦାସ ଓ ମହାନଗର ଯୁବ ବିଜେଡି ସମ୍ପାଦକ ମଧୁସୂଦନ ରାଓ ଅତିଥି ଭାବେ ଯୋଗଦେଇ ବିଜୟୀ ଟିମ୍‌କୁ ପୁରସ୍କୃତ ଓ ଉତ୍ସାହିତ କରିଥିଲେ।

### ଫାଇନାଲରେ ଲିଡ୍ସ

ଗୁରୁବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଲିଡ୍ସ ସ୍ପୋର୍ଟିଂ କ୍ଲବ ଓ ଆଲଫା ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

## ଘରେ ପଶି ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

ବ୍ରହ୍ମପୁର ଅଫିସ,୨।୨

ଘରେପଶିଖଣ୍ଡାରେଆକ୍ରମଣଅଭିଯୋଗରେ ବ୍ରହ୍ମପୁର ବଡବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ପୁରୁଣା ବ୍ରହ୍ମପୁର ପାଣ୍ଡବନଗରର କମଳ କୁମାର ହାତୀ(୨୧)। ପୋଲିସ ତାଙ୍କ ନିକଟରୁ ଘଟଣା ବେଳେ ବ୍ୟବହୃତ ଏକ ଖଣ୍ଡା ଜବତ କରିଛି। ମାମଲା ନଂ.୨୨/୨୨ ରେ ବୁଧବାର ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା କହିଛି। ପାଣ୍ଡବ ନଗରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଚାଲିଥିବା ଜୁଆ ଖେଳକୁ ଉକ୍ତ ସାହିରେ ରହୁଥିବା ରାଜେନ୍ଦ୍ର ମୃଦଙ୍ଗେୟା ବିରୋଧ କରିଥିଲେ। ପରେ ଜଣେ ଯୁବକ ଏକ ଖଣ୍ଡା ଧରି ମଙ୍ଗଳବାର ରାତିରେ ରାଜେନ୍ଦ୍ରଙ୍କ ଘରକୁ ଯାଇଥିଲେ। ଘର ପିଣ୍ଡାରେ ବସିଥିବା ରାଜେନ୍ଦ୍ରଙ୍କ ବୃଦ୍ଧା ଜେଜେମା ରିତା ମୃଦଙ୍ଗେୟାଙ୍କୁ ସେ ଧକ୍କା ମାରି ଘରେ ପଶିଥିଲେ। ପରେ ଘର ଭିତରେ ଥିବା ରାଜେନ୍ଦ୍ରଙ୍କୁ ଅଭିଯୁକ୍ତ ଖଣ୍ଡାରେ ଆକ୍ରମଣ କରି ଚମ୍ପଟ ମାରିଥିଲେ। ପରେ ରାଜେନ୍ଦ୍ର ଏନେଇ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ଅନୁସନ୍ଧାନ କରି ପୋଲିସ ଅଭିଯୁକ୍ତ କମଳ କୁମାର ହାତୀଙ୍କୁ ବୁଧବାର ଗିରଫ କରିଥିବା କହିଛି।

## ଟିକିଟିରେ କମୁନି ହାତୀ ଉପଦ୍ରବ

ଟିକିଟି,୨।୨(ଡି.ଏନ.ଏ.)



ହାତୀପଲ ନଷ୍ଟ କରିଥିବା ଧାନ।

ଟିକିଟି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରେ ଦୀର୍ଘ ଏକ ବର୍ଷ ଧରି ହାତୀ ଉପଦ୍ରବ ଯୋଗୁ ଚାଷୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ଲଖାରୀ ଜଙ୍ଗଲରୁ ଆସିଥିବା ୧୨ ଟିକିଆ ହାତୀପଲରେ ମାଖନ ହାତୀ ୨, ମାଈ ହାତୀ ୭, ଛୁଆ ହାତୀ ୪ଟି ରହିଥିବା ଦିଗପହଣ୍ଡି ବନବିଭାଗ ରେଞ୍ଜର କାହ୍ନୁଚରଣ ପଟ୍ଟନାୟକ ସୂଚନା ଦେଇଛନ୍ତି। ଗତ ୨ଦିନ ମଧ୍ୟରେ କଳବାଡ ପଞ୍ଚାୟତ ଭୋଲାସିଙ୍ଗି ଗ୍ରାମର ଚାଷୀ ସୁଦର୍ଶନ ପାଢୀ, ନାଲୁ ସାହୁ ଓ ଲିଆଖାଇ ଗ୍ରାମର ସୁରେନ୍ଦ୍ର ପ୍ରଧାନଙ୍କ ସମେତ କେତେଜଣ ଚାଷୀଙ୍କ ଖଳାରେ ଅମଳକରି ରଖାଯାଇଥିବା ଧାନସବୁ ନଷ୍ଟ କରିଦେଇଛନ୍ତି। ଦୁଇ ସପ୍ତାହ ତଳେ ଗୋବିନ୍ଦନଗର ଗ୍ରାମର ଗୋବର୍ଦ୍ଧନ ସାହୁଙ୍କ ୩ ଏକର ଜମିର ୪୦ବସ୍ତା ଧାନ, ରଇତ ସାହୁଙ୍କ ୫ ଏକର ଜମିର ଧାନ କଳେଇ, ଏମ୍ ଦାଲେୟାଙ୍କ ୫ ଏକର ଜମିର ଧାନକଳେଇ ସମେତ ଝିଙ୍କିପଦର, ରାଧାମୋହନପୁର, କିଶୋରଚନ୍ଦ୍ରପୁର ଗ୍ରାମଗୁଡିକରେ ହାତୀପଲ ପଶି ଛତୁବାଡ, ଅମଳ ହୋଇଥିବା ଧାନ, ପନିପରିବା, କଦଳି ଓ ନଡିଆ ଗଛ ନଷ୍ଟ କରିବା ସହିତ ଧାନବସ୍ତାଗୁଡିକ ଏଣେତେଣେ ଫୋପାଡି ନଷ୍ଟ କରିଥିବା ନେଇ କ୍ଷତିଗ୍ରସ୍ତ ବହୁ ଚାଷୀ ଅଭିଯୋଗ କରିଛନ୍ତି । କ୍ଷତିଗ୍ରସ୍ତ ହେବାର ଦୀର୍ଘଦୁଇ ସପ୍ତାହ ବିତିଥିଲେ ସୁଦ୍ଧା କ୍ଷତିପୂରଣ ପାଇନାହାନ୍ତି, ଫଳରେ ଚାଷୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଗତ ରବିବାର ରାତିରେ ଟିକିଟି ଉପକଣ୍ଠ ରାମଗୁଡା ନିକଟସ୍ଥ ଆମ୍ବ ତୋଟାରେ ନୂତନ ହାତୀ ଶାବକ ଜନ୍ମ ହେବାପରେ ବର୍ତ୍ତମାନ ହାତୀପଲ ଉଗ୍ର ହୋଇଛନ୍ତି। ମଙ୍ଗଳବାର ୧୨ ଟିକିଆ ହାତୀପଲ ସମେତ ନୂତନ ହାତୀ ଶାବକକୁ ଧରି ଟିକିଟି, ଭୋଲାସିଙ୍ଗି, କୋଳଥିଆ, ଲିଆଖାଇ ଦେଇ ବାଲିଘାଇ ନିକଟସ୍ଥ ବାଲିପଦର ତୋଟାରେ ଥିବା ବନବିଭାଗ ପକ୍ଷରୁ କୁହାଯାଇଛି। ଉକ୍ତ ଅଞ୍ଚଳରୁ ହାତୀଙ୍କୁ ତୁରନ୍ତ ଘଉଡାଇବାକୁ ଉଚ୍ଚକର୍ତ୍ତୃପକ୍ଷଙ୍କୁ ନିବେଦନ କରାଯାଇଛି। ଅପରପକ୍ଷରେ ବନବିଭାଗ ପକ୍ଷରୁ ହାତୀପଲ ଉପରେ ତୀକ୍ଷ୍ଣ ନଜର ରଖିଛି। ଲୋକମାନଙ୍କୁ ହାତୀପଲ ନିକଟକୁ ନ ଯିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

## ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଲିଗୁଡା,୨।୨(ଡି.ଏନ.ଏ.)

ବାଲିଗୁଡ଼ାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୂଆସାହିରେ କାର୍ଯ୍ୟରତ ସହକାରୀ ଶିକ୍ଷକ ପବିତ୍ର ମୋହନ ପାଢ଼ୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଉକ୍ତ ଉତ୍ସବରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସଭାପତି ରୂପେ ଶ୍ରୀମତୀ ରେଣୁକାବତୀ ସାହାଣୀ ଉପସ୍ଥିତ ଥିବା ବେଳେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ମାଝୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ବଳରାମ ବେହେରା ଏବଂ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସୁକଦେ ନାୟକ ଏବଂ ସିଆରସିସି ଗୌରୀଶଙ୍କର ପାଢ଼ୀ, ଅମୁଲ୍ୟ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଶିକ୍ଷୟିତ୍ରୀ ଶ୍ରୀମତୀ ନିବେଦିତା ନାୟକ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଙ୍କ ବକ୍ତବ୍ୟ ପରେ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷକ ଶିଶିରକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ବାଚନ ଆଚରଣ ବିଧି ପାଳନ ସମ୍ପର୍କିତ ବୈଠକ

ବୁଗୁଡ଼ା,୨।୨(ଡି.ଏନ.ଏ.)

ବୁଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ନିର୍ବାଚନ ଆଚରଣ ବିଧି ପାଳନ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦ୍ୱିତୀୟ ପର୍ଯ୍ୟାୟ ତଥା ଆସନ୍ତା ଫେବୃଆରୀ ୧୮ରେ ଅନୁଷ୍ଠିତ ହେବାକୁ ଯାଉଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ସମିତି ସଭ୍ୟ ଓ ସରପଞ୍ଚ ପ୍ରାର୍ଥୀ ଯୋଗ ଦେଇଥିଲେ। ବ୍ଲକ ନିର୍ବାଚନ ଅଧିକାରୀ ତନ୍ମୟ ପାତ୍ର ଉପସ୍ଥିତ ରହି ସମସ୍ତ ପ୍ରାର୍ଥୀଙ୍କୁ ସେମାନଙ୍କ ନିର୍ବାଚନ ଖର୍ଚ୍ଚ ଓ ଆଚରଣ ବିଧି ସମ୍ପର୍କରେ ତାଲିମ ପ୍ରଦାନ କରିବା ସହ ନିର୍ବାଚନ ସମ୍ପର୍କୀୟ ପୁସ୍ତିକା ବଣ୍ଟନ କରିଥିଲେ। ଅନ୍ୟପକ୍ଷରେ ଜିଲା ନିର୍ବାଚନ ଅଧିକାରୀ ତଥା ଗଞ୍ଜାମ ଜିଲାପାଳଙ୍କ ପକ୍ଷରୁ ପ୍ରତି ବ୍ଲକର ନିର୍ବାଚନ ଅଧିକାରୀଙ୍କୁ ଭିଡିଓ କନଫରେନ୍ସ ମାଧ୍ୟମରେ ମାଷ୍ଟର ତାଲିମଦାତା ଭାବେ ମଧ୍ୟ ତାଲିମ ପ୍ରଦାନ କରାଯାଇଥିଲା। ବୁଗୁଡା ବ୍ଲକ ପାଇଁ ସ୍ଥାନୀୟ ବିଡିଓ ତନ୍ମୟ ପାତ୍ର ଓ ତହସିଲଦାର ସଂଗ୍ରାମ କେଶରୀ ଜେନା ମାଷ୍ଟର ଟ୍ରେନର ଭାବେ ତାଲିମ ଗ୍ରହଣ କରିଥିଲେ। ଏହି ଦୁଇ ଅଧିକାରୀ ଆସନ୍ତା ଫେବୃଆରୀ ୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ତାଲିମ ଶିବିରରେ ପ୍ରିଜାଇଡିଂ ଓ ଫାଷ୍ଟ ପୋଲିଂ ଅଫିସର ମାନଙ୍କୁ ତାଲିମ ପ୍ରଦାନ କରିବେ।

## ସବ୍‌ଜଜ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ,୨।୨

ଗଞ୍ଜାମ ଜିଲା ଦୌରା ଜଜ୍ କୋର୍ଟରେ ଥିବା ସବ୍‌ଜଜ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କର ବଦଳି ହୋଇଛି। ଉଚ୍ଚ ନ୍ୟାୟାଳୟ ପରିସରରେ ଥିବା ଆଇନ ସେବା ପ୍ରାଧିକରଣର ଯୁଗ୍ମ ସମ୍ପାଦକ ଭାବେ ସେଠାକୁ ବଦଳି ହୋଇଛି। ବୁଧବାର ସୌମ୍ୟରଞ୍ଜନଙ୍କୁ କୋର୍ଟର ମୁଖ୍ୟ କିରାଣି ଓ ଅନ୍ୟ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ସେ ଆସନ୍ତା ୭ ତାରିଖରେ ହାଇକୋର୍ଟରେ କାର୍ଯ୍ୟଭାର ଗ୍ରହଣ କରିବେ। ସେହିପରି ପୁରୀ ଜିଲା କୋର୍ଟରେ ସବ୍‌ଜଜ୍ ଥିବା ସନ୍ଦୀପ କୁମାର ପଟ୍ଟନାୟକଙ୍କ ବ୍ରହ୍ମପୁର ଜିଲା କୋର୍ଟକୁ ସବ୍‌ଜଜ୍ ଭାବେ ବଦଳି ହୋଇଛି। ସେ ମଧ୍ୟ ଆସନ୍ତା ୭ ରେ କାର୍ଯ୍ୟଭାର ଗ୍ରହଣ କରିବେ ବୋଲି କୋର୍ଟ ସୂତ୍ରରୁ ପ୍ରକାଶ।

